ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୪୧

ବୁଲେଟିନ ନମ୍ବର :୮୨
ତାରିଖ : ୧୪.୧୦.୨୦୨୫
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୮.୧୦.୨୦୨୫ ରୁ ୧୪.୧୦.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୧୭.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୨.୦-୩୩.୮ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୨.୪-୨୪.୪ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୯.୧୦.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 15-10-2025 | 3 | 31 | 23 | 3 | 84 | 48 | 2 | 334 |
| 16-10-2025 | 2 | 31 | 23 | 2 | 86 | 44 | 2 | 338 |
| 17-10-2025 | 2 | 31 | 23 | 2 | 90 | 46 | 2 | 342 |
| 18-10-2025 | 3 | 30 | 23 | 3 | 89 | 60 | 3 | 344 |
| 19-10-2025 | 2 | 30 | 22 | 3 | 89 | 64 | 4 | 336 |

### ଆଗାମୀ ୫ ଦିନର ପାଣିପାଗ ସୂଚନା:

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୨-୦୪ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୦-୩୧ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୨-୨୩ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୪ ରୁ ୯୦ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୪୪-୬୪ ପ୍ରତିଶତ ମଧ୍ୟରେ ରହିବ ।

**ଚେତାବନୀ:** କୌଣସି ଚେତାବନୀ ନାହିଁ

## କୃଷି ସୂଚନା

### ସାଧାରଣ ଉପଦେଶ

- ବର୍ତ୍ତମାନ ଫୁଲକୋବି, ବନ୍ଧାକୋବି, ମୂଳା ଓ ଗାଜର ଆଦି ଫସଲର ଲଗାଇବା କାର୍ଯ୍ୟ ଆରମ୍ଭ କରିବାର ଉପଯୁକ୍ତ ସମୟ ।
- ଅମଳ ହୋଇଥିବା ମୁଗ, ବିରି, ହରଡ, ଚିନାବାଦାମ ଏବଂ ରାଶିକୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ଭଲ ଭାବରେ ସଫା କରନ୍ତୁ ।
- ଚାଷୀ ଭାଇ ମାନେ ବର୍ତମାନ ମଞ୍ଜି ବୁଣିବା, କୋଡା ଖୋସା, ସାର ଓ କୀଟନାଶକ ପ୍ରୟୋଗ ଜାରି କରି ପାରିବେ ।
- ଉଚ୍ଚ ଓ ମାଧ୍ୟମ ଜମିରେ ବର୍ତମାନ କୋଶଳା ଶାଗ, ମୁଗ, ବିରି , ଝୁଡଙ୍ଗ , କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପ ଦିନିଆ ପ୍ରାକ ରବି ଫସଲ କରିପାରିବେ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | ଫୁଲ ଉଡାଇବା ଅବସ୍ଥା | • ବର୍ତ୍ତମାନର ଶୁଖିଲା ପାଗରେ ଧାନ ଫସଲରେ କାଣ୍ଡ ବିନ୍ଧା ପୋକ ଦେଖା ଦେବାର ସମ୍ଭାବନା ଅଛି । ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୨ଟି ସୌରଚାଳିତ ଆଲୋକ ଯନ୍ତ୍ର ବସାନ୍ତୁ । ଏକର ପ୍ରତି ୨ଟି *Trichogramma japonicum* କାର୍ଡ ଲଗାନ୍ତୁ କିମ୍ବା ଏକର ପ୍ରତି ୪ କିଲୋଗ୍ରାମ Chlorantraniliprole କିମ୍ବା ୮କିଲୋଗ୍ରାମ Cartap hydrochloride ୪G ନାମକ ଦାନାଦାର କୀଟନାଶକ, ସମାନ ଓଜନର ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ। ଏହା ବଦଳରେ ଏକର ପ୍ରତି ୬୦ମିଲି Chlorantraniliprole କିମ୍ବା ୪୦୦ମିଲି Indoxacarb ନାମକ କୀଟନାଶକ, ୨୦୦ଲିଟର ମିଶାଇ ପ୍ରୟୋଗ କରନ୍ତୁ। |
| ଆଖୁ | ବିଶେଷ ଅଭିବୃଦ୍ଧି ଅବସ୍ଥା | • ଶୁଖିଲା ପାଗରେ ଆଖୁ ଫସଲରେ ଜାହାଜ ପୋକ ଓ ଦହିଆ କୀଟ ଆକ୍ରମଣ ଅଧିକ ଦେଖାଯାଇଥାଏ । ପ୍ରାଥମିକ ଅବସ୍ଥାରେ ପରିଚାଳନା ପାଇଁ *Epiricania melanoleuca* ନାମକ ପରାଶ୍ରୟୀ କୀଟର ୨ ଲକ୍ଷ ଅଣ୍ଡା କିମ୍ବା ୨୦୦୦ ପ୍ୟୁପା ବା ଖୋସା ସଂଗ୍ରହ କରି ଏକର ପିଛା ଆକ୍ରାନ୍ତ କ୍ଷେତରେ ଛାଡନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦ ମିଲି Imidacloprid 17.8% SL କିମ୍ବା ୪୦ ଗ୍ରାମ Thiamethoxam 25% WG, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| ରାଶି | ଫଳ ଧରିବା ଅବସ୍ଥା | • ରାଶିରେ ବର୍ତ୍ତମାନ ଛଞ୍ଚାଣ ଶଲଭ କୀଟ ଦେଖା ଦେଇଛି । ଏହି ପୋକ ପତ୍ର ଓ ଡାଳର ଆଗ ଖାଇ ସମ୍ପୂର୍ଣ ନଷ୍ଟ କରିଦିଏ । ନିୟନ୍ତ୍ରଣ ପାଇଁ ପ୍ରଥମେ ପୋକ ଗୁଡିକୁ ହାତରେ ଧରି ନଷ୍ଟ କରନ୍ତୁ । ଏହା ପରେ ପ୍ରୋଫେନୋଫୋସ୍ (Profenophos 50% EC) @ ୪୦୦ମିଲି ଏକର ପ୍ରତି ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଚିନାବାଦାମ | ଅମଳ ଅବସ୍ଥା | • ଚିନାବାଦାମ ଫସଲ ଅମଳ ସାପେକ୍ଷ ହୋଇଥିଲେ ଡେରି ନକରି ଓପାଡି ଦିଅନ୍ତୁ । ଅମଳ ସମୟରେ ଚିନାବାଦାମ ମଞ୍ଜିରେ ଜଳୀୟ ଅଂଶ ୪୦ ରୁ୫୦ ଶତକଡା ରହିଥାଏ । ତେଣୁ ଖରାରେ କିଛିଦିନ ଶୁଖାଇ ଜଳୀୟ ଅଂଶ ଶତକଡା ୧୦ଭାଗ ରଖିବା ଉଚିତ ।<br>• ସାଇତା ଚିନାବାଦାମକୁ ପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ଚାଷୀ ଭାଇ ମାନେ ପଲିଥିନ ବସ୍ତାରେ ବାଦାମ ସାଇତି ରଖନ୍ତୁ। ଯଦି ଅଖା ବ୍ୟାଗରେ ବାଦାମ ରଖୁଛନ୍ତି, ତେବେ ପ୍ରତି ୧୫ଲିଟର ପାଣିରେ ୭.୫ମିଲି Deltamethrin କିମ୍ବା ୫ମିଲି Spinosad ମିଶାଇ ବ୍ୟାଗରେ ସ୍ପ୍ରେ କରନ୍ତୁ।<br>• ଆବଶ୍ୟକ ସ୍ଥଳେ ଚାଷୀ ଭାଇମାନେ ଗୋଦାମ ଘରେ Aluminium phosphide ଟାବ୍ଲେଟ pouch ମଧ୍ୟ ରଖିପାରିବେ । ଚିନାବାଦାମ ବସ୍ତାରେ ଶୁଖିଲା ନିମ୍ବପତ୍ର, ବେଗୁନିଆ ପତ୍ର କିମ୍ବା ଖାଇବା ତେଲ ମିଶାଇ ମଧ୍ୟ ସାଇତି ରଖିପାରିବେ । |
| ଟମାଟୋ | ବୁଣିବା ଅବସ୍ଥା | • ଟମାଟୋ ମଞ୍ଜିବୁଣିବାର ୨୫-୩୦ ଦିନ ପରେ ତଳିମୁଖ୍ୟ ଜମିରେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ । ତଳି ଉପଡିବାର ପୂର୍ବ ଦିନ ସନ୍ଧ୍ୟା ସମୟରେ ୧୦ଲିଟର ପାଣିରେ ୨୦ଗ୍ରାମ Carbendazim ଓ ୧ଗ୍ରାମ Streptocycline ମିଶାଇ, ଏହି ଦ୍ରବଣକୁ ଝରା ସାହାର୍ଯ୍ୟରେ ସ୍ପ୍ରେ କରି ମାଟିକୁ ଭଲ ଭାବରେ ଭିଜାନ୍ତୁ । ଯଦି ଆପଣ ନର୍ସରୀରୁ ଚାରା କିଣୁଛନ୍ତି ତେବେ ଚାରା ଲଗାଇବା ପୂର୍ବରୁ ୨ଗ୍ରାମ Copper Oxychloride ଫିମ୍ପିନାଶକ ସହିତ ୧ଗ୍ରାମ Plantomycin କୁ ୧ଲିଟର ପାଣିରେ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ। ଏହି ଦ୍ରବଣରେ ଚାରା ଗୁଡିକର ମୂଳ ଅଂଶ କୁ ୩୦ମିନିଟ ବୁଡାଇ ରଖି ବିଶୋଧନ କରନ୍ତୁ। ଏହା ଦ୍ଵାରା ପ୍ରାଥମିକ ଅବସ୍ଥାରେ ତଳି ଗୁଡିକୁ ଝଉଂଲା ରୋଗ ପ୍ରତିରୋଧକ ଶକ୍ତି ମିଳିଥାଏ । |
| ବାଇଗଣ | ଅଙ୍ଗୀୟ ବୃଦ୍ଧି ଠାରୁ ଫଳ ଧରିବା ଅବସ୍ଥା | • ବର୍ତ୍ତମାନର ଅଭାବି ବର୍ଷା ଯୋଗୁଁ ବାଇଗଣରେ କାଙ୍କେଡିଆ ପୋକ ଦେଖା ଦେଇପାରେ । ପରିଚାଳନା ପାଇଁ ଏକର ପ୍ରତି ୨୦୦ଲିଟର ପାଣିରେ ୬୦୦ମିଲି ନିମ୍ବ ଆଧାରିତ କୀଟନାଶକ (୧୫୦୦ ପିପିଏମ)ମିଶାଇ ସନ୍ଧ୍ୟା ସମୟରେ ଏକ ସପ୍ତାହ ଅନ୍ତରରେ ୨-୩ଥର ସିଞ୍ଚନ କରନ୍ତୁ ।<br>• ରାସାୟନିକ ଉପାୟରେ ଏହି ପୋକର ଦମନ ପାଇଁ ଏକର ପ୍ରତି ୨୦୦ଲିଟର ପାଣିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (Chlorantraniliprole 18.5%SC) @ ୧୨୦ମିଲି କିମ୍ବା ଥିଆକ୍ଲୋପ୍ରିଡ୍ (Thiachloprid 21.7% SC) @ ୧୩୦ମିଲି କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। |
| ଅମୃତଭଣ୍ଡା | ଫଳ ଧରିବା ଅବସ୍ଥା | • ବର୍ଷା ଛାଡିଗଲା ପରେ ଖରାଟିଆ ପାଗରେ ଅମୃତଭଣ୍ଡା ଗଛରେ ଦହିଆ/ ଚୂର୍ଣ ପୃଷ୍ଠ ପୋକ ଦେଖା ଦେଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ପରିଚାଳନା ପାଇଁ ପ୍ରତି ୧୦-ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନକରନ୍ତୁ । ଏହା ବ୍ୟତୀତ ଗଛରେ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନ କରାଯାଇପାରିବେ । ପୋକର ଆକ୍ରମଣ ଅଧିକ ହେଲେ ରାସାୟନିକ ଉପାୟରେ ଏହି ପୋକର ଦମନ ପାଇଁ ପ୍ରତି ୧୦-ଲିଟର ପାଣିରେ ୨୦-ମିଲି ପ୍ରୋଫେନୋଫୋସ୍ (Profenophos50 % EC) ନାମକ କୀଟନାଶକ କିମ୍ବା ୩-ଗ୍ରାମ ଥିଆମେଥୋଜାମ୍ (Thiamethoxam25 % WG) ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। |
| କୋବି ଜାତୀୟ ପନିପରିବା | ତଳିଘେରା ଅବସ୍ଥା | • କୋବି ଜାତୀୟ ପନିପରିବା ତଳି ପଟାଳିରେ ସାଧାରଣତଃ ତଳି ଘରା-କଟା ରୋଗ ଦେଖା ଦେଇଥାଏ । ଏହି ରୋଗର ପରିଚାଳନା ପାଇଁ ପ୍ରଥମେ ମଞ୍ଜି ବୁଣିବା ପୂର୍ବରୁ ଏକ- କିଲୋଗ୍ରାମ ମଞ୍ଜି ରେ ୨-ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା Carboxin ଏବଂ Thiram ର ମିଶ୍ରିତ ଫିମ୍ପିନାଶକ, ବିହନରେ ମିଶାଇ ବିଶୋଧନ କରନ୍ତୁ । ମଞ୍ଜି ବୁଣି ସାରିଲା ପରେ ପ୍ରତି ଲିଟର ପାଣିରେ ୨-ଗ୍ରାମ Carbendazim ନାମକ ଫିମ୍ପିନାଶକ ମିଶାଇ ମାଟିକୁ ଭଲଭାବରେ ଭିଜାନ୍ତୁ। ତଳି ପଟାଳିରେ ତଳି ଘରା-କଟା ରୋଗ ଦେଖା ଦେଲେ ପ୍ରତି ଲିଟର ପାଣି re ୨- ଗ୍ରାମ Metalaxyl ଓ Mancozeb ର ମିଳିତ କିମ୍ବା ୨.୫-ଗ୍ରାମ Fenamidone ଓ Mancozeb ର ମିଳିତ ଫିମ୍ପିନାଶକ, ମିଶାଇ ୭ ଦନି ଅନ୍ତରରେ ଦୁଇଥର ସିଂଚନ କରନ୍ତୁ। ପଟାଳିରେ ପାଣି ଜମିରହିଲେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ । |
| ଗାଇ ଓ ମଇଁଷି | • ଗାଇ ଓ ମଇଁଷି ମାନଙ୍କ ଫାଟୁଆ ରୋଗ (FMD) ସଂକ୍ରମଣରୁ ରକ୍ଷା କରିବା ପାଇଁ ଗୋରୁ ବାଛୁରୀମାନଙ୍କୁ ୪ ରୁ ୫ ମାସ ବୟସରେ ପ୍ରାଥମିକ ଟୀକାକରଣ କରାନ୍ତୁ ଏବଂ ପ୍ରତି ଛଅ ମାସ ବ୍ୟବଧାନରେ ଏହାର ପୁନରାବୃତ୍ତି କରନ୍ତୁ । ଟୀକାକରଣ ପୂର୍ବରୁ କୃମିନାଶକର ସେବନ ନିଶ୍ଚୟ କରାନ୍ତୁ ।<br>• ପ୍ରଭାବିତ ପଶୁମାନଙ୍କର ପାଟି ଏବଂ ପାଦକୁ ୧ ଗ୍ରାମ ପୋଟାସିୟମ୍ ପରମାଙ୍ଗାନେଟ୍ (KMnO4) ଆଣ୍ଟିସେପ୍ଟିକ କୁ ଗୋଟେ ଲିଟର ପାଣିରେ ଘୋଳ ବନେଇ ଦିନକୁ ୩ ରୁ ୪ ଥର ଧୁଅନ୍ତୁ । କ୍ଷତ ଉପରେ ଗ୍ଲିସେରିନ୍ ପ୍ରୟୋଗ କରିପାରିବେ । ପ୍ରଭାବିତ ପଶୁମାନଙ୍କୁ ସୁସ୍ଥ ପଶୁମାନଙ୍କଠାରୁ ଅଲଗା ରଖନ୍ତୁ ।<br>• ଆଣ୍ଟିବାୟୋଟିକ୍ ଚିକିତ୍ସା ଏବଂ ପରାମର୍ଶ ପାଇଁ ନିକଟସ୍ଥ ଯୋଗ୍ୟ ପଶୁ ଚିକିତ୍ସକଙ୍କ ସହିତ ସମ୍ପର୍କ କରନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ଵୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)
(iOS: https://apps.apple.com/in/app/meghdoot/id1474048155)